# BEST FPO AWARD FOR THE YEAR (2023-24) DURING 63RD FOUNDATION DAY

## ତୁଡୁମା କୃଷି ଉତ୍ପାଦକ କମ୍ପାନୀ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପୁରସ୍କୃତ

ଲମତାପୁଟ,୨୮।୮ (ସମିସ): ଓଡ଼ିଶାର ବୈଷୟିକ ବିଶ୍ୱବିଦ୍ୟାଳୟର ୬୩ତମ ପ୍ରତିଷ୍ଠା ଦିବସରେ କୋରାପୁଟ ଜିଲ୍ଲା ଲମତାପୁଟରେ ଅବସ୍ଥିତ ତୁଡୁମା କୃଷି ଉତ୍ପାଦକ କମ୍ପାନୀକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାର ଶ୍ରେଷ୍ଠ କୃଷକ ଉତ୍ପାଦକ କମ୍ପାନୀ ଭାବରେ ପୁରସ୍କୃତ କରିଛନ୍ତି। ଏହି କମ୍ପାନୀର ସିଇଓ ଗଙ୍ଗାଧର ସିସା ପୁରସ୍କାର ଗ୍ରହଣ କରିଥିଲେ। ଉକ୍ତ କମ୍ପାନୀ ଦୁଇବର୍ଷ ମଧ୍ୟରେ ଅଞ୍ଚଳର ଚାଷୀ ଭାଇଭଉଣୀଙ୍କୁ କୃଷିଭିତ୍ତିକ ବୈଷୟିକ ଜ୍ଞାନ କୌଶଳ ବିଷୟରେ ପ୍ରଶିକ୍ଷଣ କରିବାରେ ସକ୍ଷମ ହୋଇପାରିଛି। ଫଳରେ ଚଳିତ ବର୍ଷ ୮୪୧ ଜଣ ଚାଷୀ ୧ କୋଟି ୨୪ ଲକ୍ଷ ଟଙ୍କାର ବ୍ୟବସାୟ କରି ଜିଲ୍ଲାରେ ଶ୍ରେଷ୍ଠତା ହାସଲ କରିଛନ୍ତି। ଫଳରେ ଚାଷୀମାନେ ଅଦା, ହଳଦୀ, ମାଣ୍ଡିଆ, ସୁଆଁ, ଆମ୍ବ, ଗୋଲ ମରିଚ ଓ କଫି ଭଳି ଉତ୍ପାଦକୁ ଓଡ଼ିଶା ସମେତ ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ରେ ଉଚିତ୍ ମୂଲ୍ୟରେ ବିକ୍ରି କରି ଖୁବ୍ ଲାଭବାନ ହୋଇପାରୁଛନ୍ତି। ଆଗାମୀ ଦିନରେ ଗ୍ରାମ ପଞ୍ଚାୟତ ସ୍ତରରେ ହଜାର ହଜାର ଚାଷୀଙ୍କୁ ପ୍ରଶିକ୍ଷଣ ଦେଇ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତର ଲକ୍ଷ୍ୟ ରଖିଛି କମ୍ପାନୀ।

